# ଆଦିବାସୀ ମେଳାର ଚତୁର୍ଥ ସନ୍ଧ୍ୟା : ୨୯.୦୧.୨୦୧୦

ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଚତୁର୍ଥ ସଂଧ୍ୟାର ବିଶେଷ ଅତିଥିମାନେ ଥିଲେ ଓଡ଼ିଶାର ଯୋଜନା ବୋର୍ଡର ଉପାଧକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ନାୟକ ଏବଂ କୃଷି ଉତ୍ପାଦନ କମିଶନର ଶ୍ରୀଯୁକ୍ତ ରବିନାରାୟଣ ସେନାପତି ।

ସମବେତ ଦର୍ଶକଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀଯୁକ୍ତ ରବିନାରାୟଣ ସେନାପତି କହିଲେ - ଜନଜାତିଙ୍କ କଳା ସଂସ୍କୃତିର ଉତ୍କୃଷ୍ଟ ପରମ୍ପରାକୁ ଆଗେଇ ନେବାରେ ଆଦିବାସୀ ମେଳା ପଥ ପ୍ରଦର୍ଶନ କରୁଛି । ଜନଜାତିମାନଙ୍କଠାରୁ ଅନେକ କିଛି ଶିଖିବାର ଅଛି । ମେଳା ପରିସରରେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲମାନଙ୍କ ଦ୍ୱାରା ସରକାରଙ୍କ ଯୋଜନା ବିଷୟରେ ଜାଣିହେଉଛି । ଯେଉଁମାନେ ମେଳା ଦେଖିବାକୁ ଆସୁଛନ୍ତି ସେମାନେ ଏସବୁ ଦେଖି ଖୁସି ଅନୁଭବ କରିବେ । ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ଉପଭୋଗ୍ୟ ହେଉ ବୋଲି କାମନା କରିଥିଲେ ।

ଯୋଜନା କମିଶନର ଉପାଧକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ନାୟକ ତାଙ୍କର ନେତୃ ସୁଲଭ ଭଙ୍ଗୀରେ ଉପସ୍ଥିତ ଦର୍ଶକମଣ୍ଡଳୀକୁ କହିଲେ - ଜନଜାତିମାନେ ହେଲେ ଆଦି ପୁରୁଷ ତାଙ୍କ ନିଷ୍ଠା କାର୍ଯ୍ୟଦକ୍ଷତା, ଧିଶକ୍ତି, ଭଗବତଦତ୍ତ । ନୀଳମାଧବ ହେଉଛନ୍ତି ବିଶ୍ୱଦେବତା । ତାଙ୍କୁ ପୂଜା କରିବାର ଅଧିକାର ଜନଜାତିଙ୍କର । ଖାଦ୍ୟ ଅନଟନ ସମୟରେ ପ୍ରକୃତି ସହ ସଂଗ୍ରାମ କରି ବଞ୍ଚିରହିବାର ସାମର୍ଥ୍ୟ ଜନଜାତିଙ୍କର ଅଛି । ତଥାପି ସେମାନେ ଅବହେଳିତ । ତାଙ୍କ ଜ୍ଞାନକୌଶଳକୁ ଧରି ଯୋଜନା ପ୍ରଣୟନ କରିବାର ଆବଶ୍ୟକତା ସମଗ୍ର ବିଶ୍ୱରେ ଅନୁଭବ କରାଯାଉଛି । ଶିକ୍ଷା, ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଭିନ୍ନ ଭିନ୍ନ ଯୋଜନା ପ୍ରଣୟନ କରାଗଲେ ତାଙ୍କର ବିକାଶ ସମ୍ଭବ ହୋଇପାରିବ । ଆମ ଓଡ଼ିଶାରେ ଜଳସମ୍ପଳର ଅଭାବ ନାହିଁ ମାତ୍ର ସୁବିନିଯୋଗ ହୋଇପାରୁନଥିବାରୁ ଆମ ଅର୍ଥନୀତିର ବିକାଶ ହୋଇପାରୁନାହିଁ । ତେଣୁ ପ୍ରାକୃତିକ ସମ୍ପଳର ସୁବିନିଯୋଗ କରି ଆମ ଅର୍ଥନୀତିକୁ ଆଗେଇ ନେବାର ସମୟ ଆସିଛି । ସେମାନଙ୍କର କାର୍ଯ୍ୟଦକ୍ଷତାକୁ ମାନବସମ୍ପଳ ଭାବେ ଯୋଜନାରେ ଉପଯୋଗ କରି ଆମକୁ ଆଗେଇବାକୁ ପଡ଼ିବ । ପ୍ରଭୁ ନୀଳମାଧବଙ୍କୁ ସ୍ମରଣ କରି ସେ ଏହି ଜାତିର ପ୍ରଗତି କାମନା କରିଥିଲେ ।

ଏହା ପରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସାଂସ୍କୃତିକ ପରିଷଦଦ୍ୱାରା ପରିବେଷିତ ହୋଇଥିଲା ନାଟକ **"ନୀଳମାଧବ"** । ସାଂସ୍କୃତିକ ସମନ୍ୱୟର ପୃଷ୍ଠଭୂମିରେ ନୀଳମାଧବଙ୍କର ଚେତନା ବହୁଗୁରୁତ୍ୱ ବହନ କରେ । ବିଶ୍ୱାବସୁ ଶବରର ନୀଳମାଧବ ଯେ ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀ ଜଗନ୍ନାଥ ରୂପେ ପୂଜିତ ଏହା କିମ୍ବଦନ୍ତୀ ଏବଂ ପୁରାଣ ସମର୍ଥିତ କଥା । ଶ୍ରୀ ଜଗନ୍ନାଥଙ୍କର ପୂଜାବିଧିରେ ଶାବର ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ଯେଉଁ ସମନ୍ୱୟ ଘଟିଛି ତାହାର ପୃଷ୍ଠପେଟିକାରେ ନୀଳମାଧବ ନାଟକର ପରିକଳ୍ପନା । ସଂପୃକ୍ତ କଳାକାରମାନଙ୍କର ନିଖୁଣ ଅଭିନୟ ଅତିଥି ଏବଂ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା ।

ମେଳା ପ୍ରାଙ୍ଗଣର ବିଭିନ୍ନ ସ୍ଥାନରେ କେତେକ ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା - କିସ୍ ଅନୁଷ୍ଠାନର ଆଦିବାସୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ବଣ୍ଡା ନୃତ୍ୟ ଏବଂ ଲୋକନୃତ୍ୟ ଓ ଡି.ଏ.ଭି.ପି. କଳାକାରମାନଙ୍କ ଦ୍ୱାରା ପରିବେଷିତ ରଣପା ନୃତ୍ୟ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲା ।